# ତହସିଲଦାରଙ୍କ କାର୍ଯ୍ୟାଳୟ, ମୁନିଗୁଡା, ଜିଲ୍ଲା- ରାୟଗଡା

## ଦୀର୍ଘ ମିଆଦି ଲିଜ୍ ନିଲାମ ଇସ୍ତାହାର

**ବିଜ୍ଞପ୍ତି ସଂଖ୍ୟା-** ୨୦୮୯ **ତାରିଖ-**୨୦.୦୯.୨୦୨୨

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମୁନିଗୁଡା ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ସୈରାତ ଉସ୍ତ (ଲଘୁ ଖଣିଜ ଦ୍ରବ୍ୟ) ଗୁଡିକର ଆସନ୍ତା ୫ ବର୍ଷ ନିମନ୍ତେ ୨୦୨୨-୨୩ ଆର୍ଥିକ ବର୍ଷଠାରୁ ୨୦୨୬-୨୭ ପର୍ଯ୍ୟନ୍ତ ଲିଜ ପାଇଁ ଦରଖାସ୍ତ ଆହ୍ବାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules- 2016 ଦ୍ୱାରା ପ୍ରଣୀତ From-M. ପୂରଣ କରି ୩ଟି କପି ସହ ନିମ୍ନ ଲିଖିତ ଦସ୍ତାବିଜ ସଂଲଗ୍ନ କରି ଲଉମୁଦ ଲଫାପାରେ ତହସିଲଦାର ମୁନିଗୁଡାଙ୍କ, କାର୍ଯ୍ୟାଳୟ ରେ ରେଜେଷ୍ଟ୍ରି ପୋଷ୍ଟ ସହ ପ୍ରାପ୍ତିସ୍ୱୀକାର ମାଧ୍ୟମରେ ଆବେଦନ କରିପାରିବେ (ଲଫାପା ଉପରେ ସୈରାତ ଉସ୍ତର ନାମ ଲେଖାଥିବା ଆବଶ୍ୟକ)। ତା. ୧୨.୧୦.୨୦୨୨ ରିଖ ଅପରାହ୍ନ ଘ.୫.୦୦ ଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ। କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ/ ରଦ୍ଦ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀ ଓ (ତହସିଲଦାର) ମୁନିଗୁଡା ଙ୍କ ରହିଅଛି ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ**

୧. ଦରଖାସ୍ତ ପାଉଣା ବାବଦ ଟ ୧୦୦୦/- ଟଙ୍କା (ଏକ ହଜାର ଟଙ୍କା) (ଅଣଫେରସ୍ତ)ର ଟ୍ରେଜେରି ଚାଲାଣ (Head of Account -0853- Non-Ferroys Metallurgical and Minerals Industries -102- Mineral concession Rent and Royalty) ।

୨. ପ୍ରସ୍ତାବିତ ସୈରାତ ଉସ୍ତ ବାବଦୀୟ କୌଣସି ବକେୟା ଅର୍ଥ ନଥିବା ସମନ୍ଧୀୟ ସତ୍ୟପାଠ ।

୩. ଏକ ବର୍ଷରେ ହେବାକୁ ଥିବା ଲଘୁ ଖଣିଜ ଦ୍ରବ୍ୟ ଉତ୍ତଲୋନ ପରିମାଣର (ଏହି ବିଜ୍ଞପ୍ତିରେ ବର୍ଣିତ MGQ) Royalty ଓ ଲିଜଧାରୀ ଚୟନ କରିଥିବା additional charges ର ସମତୂଲ୍ୟ ଅର୍ଥର ୨୦୨୧-୨୨ ବର୍ଷ ର IT Return କିମ୍ବା ଅଠର ମାସ ବୈଧ ଥିବା ଉପୋରକ୍ତ **Bank Guarantee** ସଂଲଗ୍ନ କରିବେ । (OMMC ରୁଲ ୨୦୧୬ ଓ ରୁଲ- ୨୭ ର ସଂଶୋଧିତ ଉପଧାରା-୩ (iv))

୪. ଲିଜଧାରୀ ନୋଟିସ ମଧ୍ୟରେ ଉଲ୍ଲେଖ କରିଥିବା ସୈରାତ ଉସ୍ତର ଏକ ବର୍ଷ ମଧ୍ୟରେ ଉତ୍ତୋଳନ ହେବାକୁ ଥିବା ସର୍ବନିମ୍ନ ପରିମାଣର ଲଘୁ ଖଣିଜ ପଦାର୍ଥ (Minimum Guaranteed Quantity) ପାଇଁ ରାଜଭଗ (royalty) ସହ ସର୍ବନିମ୍ନ ଅତିରିକ୍ତ ଦେୟ (minimum additional charges) ମୂଲ୍ୟ ର ର ୫% Demand Draft (**Earnest Money**) ଟ.୯୫,୦୦୦/- ତହସିଲଦାର ମୁନିଗୁଡା ଙ୍କ ନାମରେ ଅମାନତ ରାଶି From-M ସହ ସଂଲଗ୍ନ କରିବେ ଏବଂ ମନୋନୀତ ଲିଜ ଧାରି ୧୫ ଦିନ ମଧ୍ୟରେ OMMC Rule- ୨୦୧୬ ରୁଲ ୨୭ ର ଉପଧାରା-୭ ଧାରା ଅନୁଯାୟି ବଳକା ଅମାନତ ରାଶି ପଇଠ କରିବେ।

TAHASILDAR
MUNIGUDA

## ବିଶେଷ ସର୍ତ୍ତାବଳୀ

୧. ଆବେଦନକାରୀ ନିଜର ଭୋଟ ପରିଚୟ ପତ୍ର / ଆଧାର କାର୍ଡ / ପାନ କାର୍ଡ ଏବଂ ଜି.ଏସ.ଟି ପଞ୍ଜିକରଣ ସଂଖ୍ୟା (ସମ୍ପୃକ୍ତ ବିଦ୍ୟମାନ ଦସ୍ତାବିଜ ସହ) ସଂଲଗ୍ନ କରିବେ ।

୨. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନିୟମାବଳୀ ୨୦୧୬ OMMC (Amendment) Rules- 2016 ଏବଂ ତହସିଲ ହିସାବ ପ୍ରକରଣ ପୁସ୍ତିକା Manual of Tahasil Accounts ର ପରିସରଭୁକ୍ତ ରହିବେ ।

୩. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦାବି (ADDITIONAL CHARGES) ବାବଦକୁ ସର୍ବୋଚ୍ଚ ମୂଲ୍ୟ, ଯାହାକି ଟ. ୬୦/- ଠାରୁ ଉର୍ଦ୍ଧ ଉଲ୍ଲେଖ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଏକ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀ ଚୟନ କରାଯିବ ।

୪. ଲିଜଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ଵାରା ଧାର୍ଯ୍ୟ ଅମାନତ ଅର୍ଥ ନିଲାମ ଚୁଡାନ୍ତ ଦିବସର ପନ୍ଦର ଦିନ ମଧ୍ୟରେ ନଗଦ ଟଙ୍କା ଆକାରରେ ତହସିଲଦାର, ମୁନିଗୁଡା ଙ୍କ ନିକଟରେ ଦାଖଲ କରିବେ ।

୫. ଖଣିରେଖାଙ୍କରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ୍ ଧାରୀଙ୍କ ଦ୍ଵାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ମୂଲ୍ୟକୁ ଗୁଣନ କରି ସଂପୃକ୍ତ ଅର୍ଥକୁ ପରିବେଶ ମଞ୍ଜୁରି (Environment Clearance) ଆଣିସାରିଲା ପରେ ପୈଠ କରିବେ ସଂପୂର୍ଣ୍ଣ ରାଶି ପୈଠ ହେଲା ପରେ 1908 ଓ 1899 ଷ୍ଟାମ୍ପ ଆକ୍ଟ ଅନୁଯାୟି ଚୁକ୍ତିପତ୍ର (Lease deed) ତିନି ସପ୍ତାହ ମଧ୍ୟ ରେ ସଂପାଦନ କରିବେ ।

୬. ଲିଜଧାରୀ ଏକ ବର୍ଷର ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ପାଇଁ ହେବାକୁ ଥିବା royalty ଓ additional charges ଓ Environmental Management Fund ର ସମତୂଲ୍ୟ ଅର୍ଥର ଏକ ଚତୁର୍ଥାଂଂସ (ଅମାନତ ଅର୍ଥକୁ ବାଦ ଦେଇ) Form-F ରେ ସୂଚନା ପାଇବାର ୧୫ ଦିନ ମଧ୍ୟରେ ଦାଖଲ କରିବେ ଯାହାକି ସୁଧମୁକ୍ତ ଜମାନତ ଭାବେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ଲିଜ ଅବଧିର ପରିସମାପ୍ତ ପର୍ଯ୍ୟନ୍ତ ରହିବ।

୭. ଯଦି ସର୍ବୋଚ୍ଚ ଅତିରିକ୍ତ ଦାବି (**Additional Charges**) ମୁଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତ ରାଶି ଦାଖଲ କରିବାର ଖିଲାପ କରନ୍ତି ତାହାହେଲେ ଦ୍ଵିତୀୟ ଏବଂ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀମାନଙ୍କୁ ନିୟମ ଅନୁସାରେ ସୁଯୋଗ ଦିଆଯିବ ।

୮. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ଅତିରିକ୍ତ ଦାବି (**Additional Charges**) ମୂଲ୍ୟଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

TAHASILDAR
MUNIGUDA

୯. ନିଲାମଧାରୀମାନେ OMMC Rules- 2016 ଏବଂ Subsequent Amendment-2022 ର ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ୍ୟହେବେ ।

୧୦. ଲିଜ୍ ଧାରୀ ବାର୍ଷିକ surface Rent, Deed Rent, **{ରାଜଭାଗ (Royalty) + ଅତିରିକ୍ତ ଦେୟ (Additional charge) x ଏକ ବର୍ଷ ମଧ୍ୟରେ ଉତ୍ତୋଳନ ହେବାକୁ ଥିବା ସର୍ବନିମ୍ନ ପରିମାଣର ଲଘୁ ଖଣିଜ ପଦାର୍ଥ (Minimum Guaranteed Quantity)}** ର ୨% ଅର୍ଥ ଆୟକର ବାବଦକୁ, ୧୦% ଅର୍ଥ District Mineral Foundation Fund (DMF),୫% ଅର୍ଥ Environment Management Fund (EMF) ଏବଂ ୫% ଅର୍ଥ ପରିବେଶ ପରିଚାଳନା (compensatory Afforestation) ପାଣ୍ଠିକୁ ଜମା କରିବେ ।

୧୧. ଦରଖାସ୍ତକାରୀ Mines Act 1952 ଏବଂ Explosive Act 1984 ର ସମସ୍ତ ନିୟମ ଓ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

୧୨. ପ୍ରତି ଲିଜଧାରୀ ନିଜ ଖର୍ଚ୍ଛ ରେ ମାଇନିଙ୍ଗ ପ୍ଲାନ ତଥା ପରିବେଶ ମଞ୍ଜୁରୀ(Environment Clearance) ପାଇଁ ପ୍ରସ୍ତୁତି କରି ଦାଖଲ କରିବେ, ଯଦି ଲିଜ ପ୍ରଦାନ କାରି (ତହସିଲଦାର) ସରକାରୀ ଦେୟରେ ଏସବୁ ପ୍ରସ୍ତୁତ କରିଥିବେ ତେବେ ପରବର୍ତ୍ତୀ ସମୟରେ ଲିଜଧାରୀ ଙ୍କ ଠାରୁ ଉକ୍ତ ଖର୍ଚ୍ଛ , ଲିଜ ରାଜିନାମା ଦାଖଲ ସମୟରେ ଅସୁଲ କରାଯିବ ।

୧୩. ଯଦି କୌଣସି ଦରଖାସ୍ତକାରୀ ସର୍ବୋଚ୍ଛ ମୂଲ୍ୟ ଉଲ୍ଲେଖ କାରିଥାନ୍ତି ଏବଂ ପରବର୍ତ୍ତୀ ସମୟରେ ମୃତ୍ୟୁବରଣ କରିଥାନ୍ତି, ସେହି ଅମାନତ ଅର୍ଥ ରାଶି ଏବଂ ଲିଜ ରାଜିନାମା ଲିଜଧାରୀ ଙ୍କ ଉତ୍ତରାଧିକାରୀ ଅଥବା ଆଇନଗତ ପ୍ରତିନିଧିମାନେ ପୁନଶ୍ଚ ଲିଜ ରାଜିନାମା କାରୀ ସମ୍ପୃକ୍ତଖଣି ଲିଜ ପରିଚାଳନା କରିପାରିବେ ।

୧୪. ଜିଲ୍ଲାପାଳ ବା ଜଙ୍ଗଲ ସଂରକ୍ଷଣ ଅଧିକାରୀ କୌଣସି କାରଣ ଦର୍ଶାଇ ଯେ କୌଣସି ସମୟରେ ଲିଜକୁ ନାକଚ କରିପାରିବେ ।

୧୫. ଚୟନ ହୋଇଥିବା ସମସ୍ତ ଲିଜଧାରୀ ଓଡିଶା ଲଘୁ ଖଣିଜ ରିହାତି ନିୟମ ୨୦୧୬ ଧାରା ୨୭, ୨୮, ୨୯, ୩୦, ୩୧, ୩୨, ଏବଂ ୩୩ ଏବଂ ଓଡିଶା ଲଘୁ ଖଣିଜ ରିହାତି (ସଂଶୋଧିତ) ନିୟମ ୨୦୧୭ ଏବଂ ୨୦୧୮ ରା ସମସ୍ତ ଉପଧାରା ସର୍ତ୍ତାବଳୀ ମାନିବା କୁ ବାଧ୍ୟହେବେ ।

୧୬. ସମ୍ବାଦ ପତ୍ର ରେ ବିଜ୍ଞାପନ ପ୍ରକାଶ ପାଇଁ ସମସ୍ତ ଖର୍ଚ୍ଛ ସଫଳ ନିଲାମଧାରି ମାନେ ବହନ କରିବେ।

୧୭. ନୀଲମଧାରି ମାନେ, OMMC Rule-୨୦୧୬ ରେ ଥିବା ୨୭ ର ୧ ରୁ ୧୭ ପର୍ଯ୍ୟନ୍ତ ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ୍ୟହେବେ ।

TAHASILDAR
MUNIGUDA

୧୮. ସରକାରଙ୍କ ପ୍ରଚଳିତ ଆଦେଶନାମା ଅନୁଯାଇ ରୟାଲଟି ମୂଲ୍ୟ ବୃଦ୍ଧିକୁ ନେଇ ଲିଜଧାରୀ ମାନେ ବର୍ଦ୍ଧିତ ଧାରାରେ ରୟାଲଟି ପଇଠ କରିବା ପାଇଁ ବାଧ୍ୟ ହେବେ ।

ପ୍ରଥମ ନିର୍ଦ୍ଧାରିତ ନିଲାମ ତାରିଖ ଦିନ ଯେଉଁ ସୈରାତ ଉତ୍ସ ଗୁଡିକ ନିଲାମ ହୋଇନପାରିବ, ସେହିଉତ୍ସ ଗୁଡିକ ପୁନଶ୍ଚ ସାରଣୀ ଅନୁଯାୟୀ ପରବର୍ତ୍ତୀ ନିର୍ଦ୍ଧାରିତ ତାରିଖ ଓ ସମୟରେ ନିଲାମ ହେବ । ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟଦିବସରେ (ଛୁଟି ଦିନ ବ୍ୟତୀତ) ମିଳିପାରିବ ଏବଂ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ତଥ୍ୟ www.rayagada.nic.in ରେ ଉପଲବ୍ଧ ରହିଅଛି। ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ଏହାକୁ ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ରହିଛି ।

ନିଲାମ ସ୍ଥାନ, ଧାର୍ଯ୍ୟ ତାରିଖ ଓ ସମୟ ନିମ୍ନରେ ପ୍ରଦାନ କରାଯାଇଅଛି ସୈରାତ ଉତ୍ସ ଗୁଡିକର ସମ୍ପୂର୍ଣ୍ଣ ବିବରଣୀ ଏଥିସହିତ ସଂଲଗ୍ନ କରାଯାଇଅଛି ।

ନିଲାମ ସ୍ଥାନ- **ତହସିଲ କାର୍ଯ୍ୟାଳୟ, ମୁନିଗୁଡା**

ଧାର୍ଯ୍ୟ ତାରିଖ ଓ ସମୟ ପ୍ରଥମ ପର୍ଯ୍ୟାୟ **୧୩.୧୦.୨୦୨୨** ଦିବା ୧୧.୦୦ଘଟିକା

ଦ୍ୱିତୀୟ ପର୍ଯ୍ୟାୟ **୨୦.୧୦.୨୦୨୨** ଦିବା ୧୧.୦୦ଘଟିକା

ତୃତୀୟ ପର୍ଯ୍ୟାୟ **୨୭.୧୦.୨୦୨୨** ଦିବା ୧୧.୦୦ଘଟିକା

| କ୍ର ନ | ସୈରାତ ଉତ୍ସ କେସ ନ | ସୈରାତ ଉତ୍ସ ଗୁଡିକର ନାମ | ରାଜସ୍ୱ ମୌଜା ର ନାମ | ରାଜସ୍ୱ ନାମ | ଖାତା ନମ୍ବର | ପ୍ଲଟ ନମ୍ବର | ସୈରାତ ଉତ୍ସ ର ରକବା (ଏକର ରେ) | କିସମ | MGQ (Cum) |
|---|---|---|---|---|---|---|---|---|---|
| ୧ | ୪/୨୦୨୨ | କନ୍ତରାବାଲି ବାଲିଘାଟ | କନ୍ତରାବାଲି | କୁମୁଡାବାଲି | ୧୧୪ | ୬୧୧ | ୧୨.୦୦ | ନଦୀ | ୨୦୦୦୦ |

ତହସିଲଦାର, ମୁନିଗୁଡା

**ଜ୍ଞାପକ ସଂଖ୍ୟା** ୬୦୮୨ /୨୦୨୨ **ତାରିଖ** ୨୦.୦୯.୨୦୨୨

ଏହାର ଏକକିତା ନକଲ ରାଜସ୍ୱ ନିରିକ୍ଷକ ଙ୍କୁ ପ୍ରେରଣ କରାଗଲା ଏବଂ ସେମାନଙ୍କୁ ନିର୍ଦ୍ଦେଶ କରାଗଲା ଯେ ସେମାନେ ଏହି ବିଜ୍ଞାପନ ର ଏକକିତା ନକଲ ନିଜ ନିଜ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ଲଟକାଇବେ ଓ ଅନ୍ୟ ଏକକିତା ନକଲ ମଣ୍ଡଳର ସମସ୍ତ ଗ୍ରାମରେ ଧେଣ୍ଡୁରି ମାଧ୍ୟମରେ ବହୁଳ ଭାବରେ ପ୍ରଚାର କରି ତୃତୀୟ କୀଟ ନକଲ ରେ ସମସ୍ତ ବିବରଣୀ ଦର୍ଶାଇ ଏବଂ ସୈରାତ ଉଚ୍ଛ ଗୁଡିକର ନକ୍ସା ତିଆରି କରି ନିମ୍ନ ସ୍ୱାକ୍ଷର କାରିଙ୍କୁ ଧାର୍ଯ୍ୟ ତାରିଖ ୧୫ ଦିନ ପୂର୍ବରୁ ପ୍ରେରଣ କରିବେ।

ତହସିଲଦାର, ମୁନିଗୁଡା

ଜ୍ଞାପକ ସଂଖ୍ୟା ୨୦୮୩ /୨୦୨୨ ତାରିଖ ୨୦. ୦୯.୨୦୨୨

ଏହାର ଏକକିତା ନକଲ ଜିଲ୍ଲାପାଳ, ରାୟଗଡା, ଉପ-ଜିଲ୍ଲାପାଳ, ଗୁଣପୁର ମହୋଦୟଙ୍କ ଗୋଚରାର୍ଥେ ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ District Informatics Officer, NIC ରାୟଗଡ଼ଙ୍କୁ ଦିଆଗଲା ଏବଂ ଜିଲ୍ଲା ୱେବସାଇଟରେ ଏହି ବିଜ୍ଞାପନ ପ୍ରସାରଣ କରିବା ପାଇଁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ରାୟଗଡା / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମୁନିଗୁଡା ଙ୍କୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ର ବିଜ୍ଞାପନ ଫଳକରେ ସର୍ବସାଧାରଣ ଙ୍କ ଗୋଚରାର୍ଥେ ଲଟକାଇବା ପାଇଁ ପ୍ରେରଣ କରାଗଲା ।

ତହସିଲଦାର, ମୁନିଗୁଡା

ଜ୍ଞାପକ ସଂଖ୍ୟା ୨୦୮୪ /୨୦୨୨ ତାରିଖ ୨୦. ୦୯.୨୦୨୨

ଏହାର ଏକକିତା ନକଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ, ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରାଗଲା ।

ତହସିଲଦାର, ମୁନିଗୁଡା